## ସଂକ୍ଷେପରେ

### ସୁନାବେଡ଼ା ଅଞ୍ଚଳରେ ଗାଡ଼ିରୁ ପେଟ୍ରୋଲ ଚୋରି ଅଭିଯୋଗ

ସୁନାବେଡା, ୧୪।୫ (କୃତ୍ତିବାସ ପ୍ରଧାନ)

ଗତ କିଛିଦିନ ହେଲା ସୁନାବେଡା ସହରର ବିଭିନ୍ନ ଅଞ୍ଚଳରେ ଚୋରମାନଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ସୁନାବେଡା ଥାନାରେ ଚୋରି ସମ୍ପର୍କିତ କେତେକ ଅଭିଯୋଗ ପହଞ୍ଚିଛି। ଖବରରୁ ଜଣାପଡିଛି, ଏଇଏଫ କଲୋନୀ ଘର ନଂ. ୨ ଆରଏ ୪୬/୨ରେ ରହୁଥିବା ସେମିଲିଗୁଡା କଲେଜର ଅଧ୍ୟାପକ ସୁରେଶ ପାଇକରାୟ ରାତିରେ ଘର ଆଗରେ ରଖିଥିବା ତାଙ୍କ ବାଇକ୍‌ରୁ କେହି ଦୁର୍ବୃତ୍ତ ୩ ଲିଟରରୁ ଅଧିକ ପେଟ୍ରୋଲ ଓ ଗୋଟିଏ ପିତ୍ତଳ ଢାଳ ଚୋରି କରି ନେଇଯାଇଥିଲା। ସେହିପରି ପଡ଼ୋଶୀ ଘରେ ରହୁଥିବା ପ୍ରେମାନନ୍ଦ ମହନ୍ତଙ୍କ ଗାଡିରୁ ମଧ୍ୟ ପ୍ରାୟ ୮ ଲିଟର ପେଟ୍ରୋଲ ସହ ପିତ୍ତଳ ବାସନ ଚୋରମାନେ ଚୋରି କରି ନେଇଥିଲେ। ସୋମବାର ବିଳମ୍ବିତ ରାତିରେ ପୁଣି ଥରେ କେହି ଦୁର୍ବୃତ୍ତ ସୁରେଶଙ୍କ ଏକ ସାଇକେଲ ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ଚୋରି ବଢୁଥିବାରୁ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ସୁନାବେଡା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### କୋରାପୁଟ ଜିଲାର ମତଦାନ ସମ୍ପର୍କିତ ଚୂଡାନ୍ତ ରିପୋର୍ଟ

କୋରାପୁଟ/କୁନ୍ଦୁରା, ୧୪।୫
(ଅମିତାଭ ବେହେରା/ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲାରେ ସୋମବାର ହୋଇଥିବା ମତଦାନର ଚୂଡାନ୍ତ ରିପୋର୍ଟ ଜିଲା ପ୍ରଶାସନ ସାଧାରଣରେ ଅବଗତ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ କୋରାପୁଟ ଜିଲାରେ ୮୦.୩୨ ପ୍ରତିଶତ ମତଦାନ ହୋଇଛି। ସେଥିମଧ୍ୟରୁ ଜିଲାର କୋଟପାଡ଼ ବିଧାନସଭା ଆସନରେ ସର୍ବାଧିକ ୮୩.୯୨ ପ୍ରତିଶତ ମତଦାନ ହୋଇଥିବାବେଳେ ଜୟପୁର ବିଧାନସଭା ଅଞ୍ଚଳରେ ୭୭.୪୮ ପ୍ରତିଶତ, କୋରାପୁଟରେ ୭୬.୨୮ ପ୍ରତିଶତ, ପଟ୍ଟାଙ୍ଗିରେ ୮୨.୪୦ ପ୍ରତିଶତ ଓ ଲକ୍ଷ୍ମୀପୁର ବିଧାନସଭା ଅଞ୍ଚଳରେ ୮୧.୭୩ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି କୁନ୍ଦୁରା ବ୍ଲକରେ ୮୭.୦୬ ପ୍ରତିଶତ ମତଦାନ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ୭୯ ପ୍ରତିଶତ ମତଦାନ ହୋଇଥିବା ବେଳେ ଚଳିତଥରମତଦାନ୮ ପ୍ରତିଶତବୃଦ୍ଧିପାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

ଜୟପୁର, ୧୪।୫(ପବନ ପାଣିଗ୍ରାହୀ)

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ଚୋରା ମଦ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆସାହିର ଟି.ସୀମାଞ୍ଚଳ ଓ ଡାବୁଗୁଡା ଗ୍ରାମର ପଦ୍ମନ ବିଷୋୟୀ । ଅବକାରୀ କମିଶନର ନରସିଂହ ଭୋଳ ଏବଂ ଡେପୁଟି କମିଶନର ଉମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏହି ଚଢାଉ ହୋଇଥିଲା। ପଦ୍ମନଙ୍କଠାରୁ ଦେଶୀ ମଦ ପ୍ୟାକେଟ ସହ ଏକ ବାଇକ ଜବତ କରାଯାଇଛି। ସେହିପରି ସୀମାଞ୍ଚଳଙ୍କଠାରୁ ମଧ୍ୟ ଦେଶୀ ମଦ ପ୍ୟାକେଟ ଜବତ ହୋଇଛି। ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଓଆଇସି ରଶ୍ମି ରଞ୍ଜନ ନାୟକ କହିଛନ୍ତି ।



କୋରାପୁଟ ଜିଲା ଜୟପୁରରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ଝଡବର୍ଷାରେ ଗଛ ଉପୁଡି ପଡି ରାସ୍ତାରେ ପଡିଛି ।




ରାସ୍ତାରେ ପଡିଥିବା ଗଛକୁ ଜେସିବି ଦ୍ୱାରା ହଟାଯାଉଛି ।

# କାଳବୈଶାଖୀରେ ଉଡ଼ିଲା ବିଦ୍ୟାଳୟର ଛପର

ଜୟପୁର, ୧୪।୫(ପବନ ପାଣିଗ୍ରାହୀ)

କାଳ ବୈଶାଖୀରେ ଉଡିଛି ଏକ ବିଦ୍ୟାଳୟର ଛାତ । ମଙ୍ଗଳବାର ଅପରାହ୍ନରେ ଜୟପୁର ଅଞ୍ଚଳରେ କାଳ ବୈଶାଖୀ ଯୋଗୁ ପ୍ରବଳ ବର୍ଷା ପବନ ହୋଇଥିଲା। ଫଳରେ ପବନରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡାକକ୍ଷ, ୨୧ ଏବଂ ୨୨ ନଂ. ଶ୍ରେଣୀଗୃହର ପୁରୁଣା ଟିଣ ଛପର ଉଡି ଯାଇଛି। ସହରରେ ମଧ୍ୟ ଅନେକ ଘରର ଛପର ଉଡିଯାଇ କ୍ଷତି ହୋଇଛି। କେତେକ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହୋଇଛି। ଏଥିଯୋଗୁ ୪ ଘଣ୍ଟା ଧରି ବିଦ୍ୟୁତ୍ ସରାବରାହ ବନ୍ଦ ରହିଥିଲା। ସେହିପରି ଜୟପୁର ପୌରପାଳିକା ପକ୍ଷରୁ ଖରାରୁ ରକ୍ଷା ପାଇବା ପାଇଁ ମୁଖ୍ୟ ଟ୍ରାଫିକ ଛକରେ ନିର୍ମିତ ଅସ୍ଥାୟୀ ଟେଣ୍ଟ ପବନରେ ଉଡିଯାଇଛି।



# ଶାଶୁଘରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ନବବିବାହିତା ଉଦ୍ଧାର

ନନ୍ଦପୁର, ୧୪।୫(ଶଙ୍କର ପୂଜାରୀ)

- ବିବାହକୁ ହୋଇଛି ମାତ୍ର ଦୁଇମାସ
- ଥାନାରେ ଏତଲା ଦେଲେ ଝିଅର ବାପା

ବିବାହର ଦୁଇ ମାସ ହୋଇଛି। ମାତ୍ର ଶାଶୁଘରୁ ଜଣେ ନବବିବାହିତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ପୀଡ଼ିତାଙ୍କ ଶରୀରର ୯୦ଭାଗ ନିଆଁରେ ପୋଡ଼ି ଯାଇଛି। ତାଙ୍କୁ ଲମତାପୁଟସ୍ଥିତ ଆଶାକିରଣ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏନେଇ ଝିଅର ବାପା ଗଗନ ମଣ୍ଡଳ ପାଡୁଆ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି, ମାଲକାନଗିରି ଏମ୍‌ଭି-୧୦ ଗ୍ରାମର ଗଗନ ପାଡୁଆ ପୂଜାରୀପୁଟ ଗ୍ରାମରେ ବସବାସ କରୁଛନ୍ତି। ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ପୂଜାରୀପୁଟ ଗ୍ରାମର ବଙ୍ଗାଳୀ ସମ୍ପ୍ରଦାୟର ପ୍ରଭାସ ସିଂ ଗତ ୧୨।୩।୨୦୨୪ରେ ଗଗନଙ୍କ ଝିଅ ଶିବାନୀ ମଣ୍ଡଳ (୨୧)ଙ୍କୁ ବିବାହ କରିଥିଲେ। ବିବାହର ଦୁଇମାସ ମଧ୍ୟରେ ଶିବାନୀଙ୍କୁ ସ୍ୱାମୀ, ଶାଶୁ, ଶ୍ୱଶୁର ଅଧିକ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ସେ ବାରମ୍ବାର ଫୋନ କରି ନିର୍ଯାତନା ସମ୍ପର୍କରେ ବାପଘର ଲୋକଙ୍କୁ ଜଣାଉଥିଲେ। ସୋମବାର ଶିବାନୀ ନିଆଁରେ ପୋଡ଼ି ଗୁରୁତର ହୋଇଥିବା ଖବର ପ୍ରଭାସଙ୍କ ବଡ଼ଭାଇ ମୋତେ ଫୋନ କରି ଜଣାଇଥିଲେ ବୋଲି ଗଗନ କହିଛନ୍ତି। ସେ ଗ୍ରାମରୁ ଆସି ଏଠାରେ ପହଞ୍ଚି ଦେଖିବା ବେଳକୁ ତାଙ୍କ ଝିଅର ୯୦ ଭାଗ ଶରୀର ପୋଡ଼ି କଳା କାଠ ପଡ଼ିଯାଇଛି। ଝିଅ ଏବେ ଆଶାକିରଣ ହସ୍ପିଟାଲରେ ମରଣ ସହ ସଂଗ୍ରାମ କରୁଛି । ଶ୍ୱଶୁର ଘର ଲୋକେ ତା' ଉପରେ ଡିଜେଲ ଢାଳି ନିଆଁ ଲଗାଇ ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ ବୋଲି ଶିବାନୀ କହିଥିବା ଗଗନ ଏତଲାରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ଆଶାକିରଣ ହସ୍ପିଟାଲରେ ଉପସ୍ଥିତ ପ୍ରଭାସଙ୍କ ପରିବାର ଲୋକେ ଗଗନଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି, ଉକ୍ତ ଦିନ ସକାଳେ ଶିବାନୀ ଘର ଲୋକଙ୍କ ଉପରେ ରାଗି ପ୍ରଥମେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। କବାଟ ଭାଙ୍ଗି ତାଙ୍କୁ ଆମେ ଉଦ୍ଧାର କରିଥିଲୁ। ପରବର୍ତ୍ତୀ ସମୟରେ ସେ ନିଜେ ଘରେ ଥିବା ଡିଜେଲ ନିଜ ଉପରେ ଢାଳି ନିଆଁ ଲଗାଇ ଏଭଳି ସ୍ଥିତିରେ ପଡିଥିବା କହିଛନ୍ତି। ଏତଲାକୁ ଆଧାର କରି ପାଡୁଆ ପୋଲିସ ମାମଲା (୭୪/୨୪)ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି।



ଆଶା କିରଣ ହସ୍ପିଟାଲରେ ଚିତ୍ସାଧୀନ ଥିବା ଶିବାନୀ।

# ଆଦର୍ଶ ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ପଲ୍ଲଭି, ସିମ୍ରଣ

କୋରାପୁଟ/ନାରାୟଣପାଟଣା, ୧୪।୫
(ଅମିତାଭ ବେହେରା/ରାଜ କିଶୋର ଜେନା)

କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ କୋରାପୁଟ ମାଛରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବି. ପଲ୍ଲଭି ରାଓ ଯୁକ୍ତ ୨ ବିଜ୍ଞାନରେ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ସିମ୍ରଣ ବେଶ୍ରା ଟପ୍ପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ୬୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୩୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨୬ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଯୁକ୍ତ ୨ ବିଜ୍ଞାନରେ ୯୪ ପ୍ରତିଶତ ମାର୍କ ରଖି ପଲ୍ଲଭି ଟପ୍ପର ହୋଇଥିବା ଜଣାପଡିଛି । ସେହିପରି ବିଦ୍ୟାଳୟରେ ଦଶମ ପରୀକ୍ଷାରେ ୭୯ ଜଣ ପରୀକ୍ଷା ଦେଇଥିବାବେଳେ ସେଥିରୁ ୪୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୩୧ ଜଣ କୃତକାର୍ଯ୍ୟ ହୋଇପାରିନାହାନ୍ତି। ଛାତ୍ରୀ ସିମ୍ରଣ ୯୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବିଦ୍ୟାଳୟ ଅଧକ୍ଷ ଶଶାଙ୍କ ଶେଖର ଚୌଧୁରୀ ସୂଚନାଦେଇଛନ୍ତି।

ସେହିପରି ନାରାୟଣପାଟଣା ପାଟିଙ୍ଗସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଥିବା ଜଣାଯାଇଛି । ଛାତ୍ରୀ ଜି.ମଧୁରିମା ଯୁକ୍ତ ୨ ବିଜ୍ଞାନରେ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଦଶମ ପରୀକ୍ଷାରେ ଜି.ପୂର୍ଣ୍ଣିମା ଟପ୍ପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ୮୯ ପ୍ରତିଶତ ମାର୍କ ରଖିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ବିଦ୍ୟାଳୟର ୧୬ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ଏସ. ଶ୍ରୀକର ୮୨ ପ୍ରତିଶତ ଓ କେ. ଗୁରୁରାଜ ୮୦ ପ୍ରତିଶତ ମାର୍କ ରଖିଥିବା ଜଣାଯାଇଛି ।



ବି. ପଲ୍ଲଭି ରାଓ



ସିମ୍ରଣ ବେଶ୍ରା

# ଦୁର୍ଘଟଣାରେ ପୋଲିଂ କର୍ମଚାରୀ ଗୁରୁତର

ନନ୍ଦପୁର, ୧୪।୫(ଶଙ୍କର ପୂଜାରୀ)

ନିର୍ବାଚନ ବୁଥରେ ଦାୟିତ୍ୱ ତୁଲାଇ ସାରିବା ପରେ ପୋଲିଂ ଟିମ୍ ଇଭିଏମ ଜମା କରିବାକୁ କୋରାପୁଟ ଯାଇଥିଲେ। ସେଠାରେ ରାତିସାରା ଅନିଦ୍ରା ରହି ସକାଳୁ ଜଣେ ପୋଲିଂ କର୍ମଚାରୀ ଶିକ୍ଷକ ଦୀପକ ପ୍ରଧାନ ନିଜ ସ୍କୁଟିରେ ବାଡେଲସ୍ଥିତ ନିଜ ଘରକୁ ଫେରୁଥିଲେ। ନନ୍ଦପୁର ଦେଇ ଯାଇଥିବା ଖିଲୁଆ ନିକଟରେ ସକାଳ ୭ଟାରେ ତାଙ୍କ ସ୍କୁଟି ଆଗରେ ଯାଉଥିବା ଏକ ବସ୍ ପଛପଟେ ପିଟି ହୋଇଯାଇଥିଲା। ଫଳରେ ଶିକ୍ଷକ ପ୍ରଧାନ ଗୁରୁତର ହୋଇଥିଲେ। ବସରେ ଥିବା କର୍ମଚାରୀ ଓ ଖିଲୁଆ ଛକରେ ଉପସ୍ଥିତ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଛାତିରେ ଗଭୀର ଆଘାତ ହୋଇଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି।

# ଷ୍ଟ୍ରଙ୍ଗ ରୁମ୍ ସିଲ୍



ଜୟପୁର ଓ କୋଟପାଡ ନିର୍ବାଚନମଣ୍ଡଳୀରେ ସୋମବାର ମତଦାନ ପରେ ମଙ୍ଗଳବାର ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମରେ ମତଦାନ ବାକ୍ସଗୁଡିକୁ ରଖାଯାଇଛି। ଜିଲା ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗରୁମ୍‌କୁ ସିଲ୍ କରାଯାଉଛି।

# ବିଭାଗର ଦୂରଦୃଷ୍ଟି ଅଭାବରୁ ରାଥିବାଲି ଜଳପ୍ରପାତ ନେଉଛି ଜୀବନ

- ବାରମ୍ବାର ଘଟୁଛି ପର୍ଯ୍ୟଟକଙ୍କ ମୃତ୍ୟୁ
- ଡିସେମ୍ବରରୁ ଏଯାଏ ୩ମୃତ, ୭ ଗୁରୁତର

ପଟ୍ଟାଙ୍ଗି, ୧୪।୫(ଶରତ ଧଳ)

ଖରାଦିନ ହେଉ ବା ପର୍ଯ୍ୟଟନ ଋତୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକମାନେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଇଥାନ୍ତି। ତେବେ ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟଟନ ସ୍ଥଳରେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ହେଉ ନ ଥିବାରୁ ଅନେକ ସମୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ରଥିବାଲିସ୍ଥିତ ଗାଲିଗାବଡ଼ର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ସୋମବାର ଏପରି ଏକ ଦୁର୍ଘଟଣା ଘଟିଛି। ୩ଜଣ ସାଙ୍ଗ ଏହି ପର୍ଯ୍ୟଟନ ସ୍ଥଳକୁ ବୁଲିବାକୁ ଆସି ୨ଜଣ ଜଳ ପ୍ରପାତରେ ଗାଧୋଉଥିବା ବେଳେ ତଳକୁ ଗୋଡ ଦବିଯିବାରୁ ବୁଡିଯାଇଥିଲେ। ଖବରପାଇ ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ଜଳପ୍ରପାତରେ ବହୁ ସମୟ ଧରି ଖୋଜାଖୋଜି କରି ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ତେବେ ପର୍ଯ୍ୟଟନ ବିଭାଗ ଅବା ଜିଲା ପ୍ରଶାସନ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁ ନ ଥିବାରୁ ବାରମ୍ବାର ଏପରି ଦୁର୍ଘଟଣାମାନ ଘଟୁଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଉକ୍ତ ପର୍ଯ୍ୟଟନ ସ୍ଥଳରେ ଗତ ଡିସେମ୍ବରରୁ ଚଳିତ ମେ ମାସ ମଧ୍ୟରେ ୩ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହେଲେଣି। ଏ ସମ୍ପର୍କରେ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ନିକଟରେ ଖବର ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଏହି ପର୍ଯ୍ୟଟନ ସ୍ଥଳରେ ଏପରି ବାରମ୍ବାର ଅଘଟଣ ଘଟୁଥିବାରୁ ପଟ୍ଟାଙ୍ଗି ବିକାଶ ପରିଷଦ ଏବଂ ଓଡିଶା ମୋଟର ଚାଳକ ସଂଘର ପଟ୍ଟାଙ୍ଗି ଶାଖା ଉଦ୍‌ବେଗ ପ୍ରକାଶ କରିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା କରିବା ନିମନ୍ତେ ଉଭୟ ସଙ୍ଗଠନ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀଙ୍କୁ ପଚାରିବାରୁ ସେ କହିଲେ, ସେଠାରେ ପର୍ଯ୍ୟଟକମାନଙ୍କୁସଚେତନ କରିବାକୁ ବିଭିନ୍ନ ସଚେତନତାମୂଳକ ବୋର୍ଡ ମରାଯାଇଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ପର୍ଯ୍ୟଟକମାନଙ୍କ ଜୀବନହାନି ଘଟୁଛି। ଆମେ ସେଠାରେ ଏକ ବାରିକେଟ୍ କରିବାକୁ ନିଷ୍ପତ୍ତି ନେଇଛୁ। ନିର୍ବାଚନ ପରେ ଜିଲାପାଳଙ୍କ ସହ ଆଲୋଚନା କରି ଏ ଦିଗରେ ଆଗେଇବୁ ବୋଲି ପ୍ରଧାନୀ କହିଥିଲେ।





ନବରଙ୍ଗପୁରରେ ସୋମବାର ନିର୍ବାଚନ ପରେ ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ ରୁମ୍‌କୁ ନିଆଯାଉଛି।


ପୋଲିଂ ଅଧିକାରୀମାନେ ଇଭିଏମ୍‌ଗୁଡ଼ିକୁ ଫେରାଉଛନ୍ତି।

# ରାୟଗଡ଼ା ଜିଲ୍ଲାରେ ୭୪.୪୪% ମତଦାନ

**ରାୟଗଡା,୧୪।୫(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ମତଦାନରେ କୋରାପୁଟ ଲୋକ ସଭା ସମେତ ରାୟଗଡା ଜିଲାର ୩ ବିଧାନସଭା ଆସନ ପାଇଁ ମତଦାନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ରହିଥିବା ମୋଟ ୭,୧୩,୧୫୩ ଭୋଟରଙ୍କ ମଧ୍ୟରୁ ୭୪.୪୪% ଭୋଟର ମତଦାନ କରିଥିବା ନେଇ ସୂଚନା ମିଳିଛି। ରାୟଗଡା ଜିଲାର ୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଷମକଟକରେ ସର୍ବାଧିକ ୭୭.୯୩%, ଗୁଣପୁରରେ ୭୨.୫୩% ଏବଂ ରାୟଗଡାରେ ୭୨.୯୧% ଭୋଟର ମତଦାନ କରିଛନ୍ତି । ଜିଲାରେ ଚଳିତ ଥର ୨୦ହଜାରରୁ ଊର୍ଦ୍ଧ୍ୱ ନୂତନ ଭୋଟର ଯୋଡି ହୋଇଥିଲେ ମଧ୍ୟ ଯୁବପିଢ଼ିଙ୍କ ଭୋଟ ହାର କମ୍ ରହିଥିବା ଦେଖିବାକୁ ମିଳିଥିଲା। ଜିଲାର ୭,୧୩,୧୫୩ ଭୋଟରଙ୍କ ମଧ୍ୟରୁ ୩,୭୬,୯୮୮ ମହିଳା, ୩,୩୫,୯୭୭ ପୁରୁଷ ଏବଂ ୧୮୮ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ତେବେ କେତେ ପୁରୁଷ ଓ ମହିଳା ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ।

# ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରୀ ସାକ୍ଷୀ କୁଅଁର ଟପ୍ପର

**ଗୁଣପୁର,୧୪।୫ (ପ୍ରଦୀପ କୁମାର ପାଢ଼ୀ)**

**ସିବିଏସ୍‌ଇ ପରୀକ୍ଷା**



ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ପାଇ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଛାତ୍ରୀ ସାକ୍ଷୀ କୁଅଁର ୯୬.୬% ନମ୍ବର ରଖି ପ୍ରଥମ, ଐଶ୍ୱର୍ଯ୍ୟା ସାହୁ ୯୬.୪% ନମ୍ବର ରଖି ଦ୍ୱିତୀୟ ଏବଂ ପ୍ରାଚୀରାଣୀ ପଣ୍ଡା ୯୬% ନମ୍ବର ରଖି ତୃତୀୟ ସ୍ଥାନରେ ରହି ଗାନ୍ଧୀ ପବ୍ଲିକ ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟପ୍ରକାଶ ପଣ୍ଡା ଏବଂ ସମ୍ପାଦକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ ।

## ସଂକ୍ଷେପରେ

### ଯାଞ୍ଚ ବେଳେ ଗଞ୍ଜେଇ ଜବତ

**ଦାରିଙ୍ଗବାଡି,୧୪।୫(ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଏସ୍‌ଏସ୍‌ଟି ଟିମ୍‌ର ଗାଡି ମୋଟର ଯାଞ୍ଚ ବେଳେ ୨ ପ୍ୟାକେଟ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଥିବା ସନ୍ଦେହରେ ୨ ଜଣ ଯାତ୍ରୀ ଏବଂ ଅଟୋ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଆସନ୍ତା ୨୦ରେ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଦିନ ଭଳି ରାଜପଥର ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମା–ସୁଲୁମାହା ମଝି ରାସ୍ତାରେ ନାକା ଲଗାଇ ଏସ୍‌ଏସ୍‌ଟି ଟିମ ଗାଡ଼ି ମୋଟର ଯାଞ୍ଚ ବେଳେ ସିମନବାଡିଠାରୁ ଦାରିଙ୍ଗବାଡି ଅଭିମୁଖେ ଯାଉଥିବା ଏକ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଏକ ବ୍ୟାଗ ଯାଞ୍ଚ ସମୟରେ ୨ ପ୍ୟାକେଟ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏନେଇ ଏସ୍‌ଏସ୍‌ଟି ଟିମ୍‌ର ମୁଖ୍ୟ ସୀତାଂଶୁ ମଲିକ ଦାରିଙ୍ଗବାଡି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଅଟୋ ସମେତ ଚାଳକ ଓ ୨ ଯାତ୍ରୀଙ୍କୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଅଟୋ ଚାଳକ ଜଣକ ଏହା ଯାତ୍ରୀଙ୍କର ବୋଲି କହୁଥିବା ବେଳେ ଯାତ୍ରୀ ଜଣକ ମୋର ବ୍ୟାଗ ନୁହେଁ ବୋଲି କହିଥିଲେ। ଫଳରେ ପୋଲିସ ଉଭୟଙ୍କୁ ନେଇ ଥାନାରେ ପଚାର ଉଚରା କରୁଛି। ଖବର ଲେଖାହେବା ସୁଦ୍ଧା ଗଞ୍ଜେଇ କାହାର ସ୍ପଷ୍ଟ ହୋଇପାରିନି।

### ଅସହାୟ ଶିଶୁଙ୍କୁ ପ୍ରଶାସନର ସହାୟତା

**ପାରଳାଖେମୁଣ୍ଡି, ୧୪।୫ (ଗିରିଧାରୀ ପରିଛା)**

ଗଜପତି ଜିଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ବମ୍ବେରିଗୁଡ଼ା ପଞ୍ଚାୟତର ବାଦପୁର ଗ୍ରାମର ଏକ ପରିବାରର ପିତାଙ୍କ ମୃତ୍ୟୁ ପରେ ମା' ତିନିଜଣ ପିଲାମାନଙ୍କୁ ଛାଡି କୁଆଡ଼େ ପଳାଇଯିବାରୁ ଶିଶୁମାନେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହୁଥିବା ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତରଫରୁ ତତ୍‌କ୍ଷଣାତ ଚାଇଲ୍ଡ ହେଲ୍ପଲାଇନ କର୍ମୀ ଇସମାଇଲ କରାଡ ବାଦପୁର୍ ଗ୍ରାମରେ ପହଞ୍ଚି ଗ୍ରାମର ବ୍ୟକ୍ତି ବିଶେଷ ଓ ଶିଶୁଙ୍କ ଅଭିଭାବଙ୍କ ସହ ଆଲୋଚନା କରି ୩ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୧୧ ବର୍ଷ ଝିଅ ୯ ବର୍ଷ ଓ ୭ ବର୍ଷର ୨ ପୁଅଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ଅଣାଯାଇ ପ୍ରଥମେ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥିତ କରାଯାଇ ପାରଳଖେମୁଣ୍ଡିର ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି। ସେଠାରେ ଶିଶୁମାନେ ରହି ମାଗଣାରେ ଖାଇବା ରହିବା ସହ ପାଠ ପଢ଼ିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯାଇଥିବା ଜଣାପଡ଼ିଛି।

# ଇଭିଏମ୍ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ


କୋରାପୁଟ ନିକଟସ୍ଥ ଲାଣ୍ଡିଗୁଡା ସରକାରୀ କଲେଜରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌କୁ ଜଣେ ବିଏସ୍‌ଏଫ୍ ଯବାନ ଜଗି ରହିଛନ୍ତି ।

**କୋରାପୁଟ,୧୪।୫(ଅମିତାଭ ବେହେରା)**

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ କଡ଼ା ସୁରକ୍ଷାରେ କୋରାପୁଟ ଲାଣ୍ଡିଗୁଡା ସରକାରୀ କଲେଜରେ ଥିବା ଷ୍ଟ୍ରଙ୍ଗ ରୁମରେ ସମସ୍ତ ଇଭିଏମ ରଖାଯାଇଛି। ତେବେ ଏହି ଇଭିଏମର ସୁରକ୍ଷା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି । କୋରାପୁଟ କଂଗ୍ରେସ ପ୍ରାର୍ଥୀ ଓ ଲକ୍ଷ୍ମୀପୁର କଂଗ୍ରେସ ପ୍ରାର୍ଥୀ ଷ୍ଟ୍ରଙ୍ଗ ରୁମରେ ଇଭିଏମ ସୁରକ୍ଷା ବଢ଼ାଇବାକୁ ଦାବି କରିଛନ୍ତି। ନିଜ ନିଜ ସମର୍ଥକଙ୍କ ସହ ଷ୍ଟ୍ରଙ୍ଗ ରୁମ ବାହାରେ ମଙ୍ଗଳବାର ରାତ୍ରିରୁ ସେମାନେ ପହରା ଦେବେ ବୋଲି ପ୍ରାର୍ଥୀ କୃଷ୍ଣ କୁଲଦୀପ କହିଛନ୍ତି। ଏହି ଷ୍ଟ୍ରଙ୍ଗ ରୁମରେ ସୁରକ୍ଷା ବଢାଇବା ସହ ବାହାରେ ଏଲଇଡି ଲାଇଟ୍ ଲଗାଇବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଷ୍ଟ୍ରଙ୍ଗ ରୁମର ସୁରକ୍ଷା କେନ୍ଦ୍ରୀୟ ସୁରକ୍ଷା ବଳ (ବିଏସ୍‌ଏଫ)କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ସେଠାରେ ସିସିଟିଭି ଲଗାଯାଇଛି ବୋଲ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# କେନ୍ଦ୍ରୀୟ ବିଦ୍ୟାଳୟ, ସେଞ୍ଚୁରିଅନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ରାୟଗଡା,୧୪।୫(ଆଶିଷ ରଞ୍ଜନ ପଣ୍ଡା)**

**ସିବିଏସ୍‌ଇ ବୋର୍ଡ ପରୀକ୍ଷା**


ଦୁର୍ଗା ପ୍ରସାଦ ମହାପାତ୍ର


ଅନସୂୟା ବେହେରା

ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ରାୟଗଡାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଓ ସେଞ୍ଚୁରିଅନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ୨୩ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଦୁର୍ଗା ପ୍ରସାଦ ମହାପାତ୍ର ୯୫.୬% ମାର୍କ, ଅଦ୍ରିତା ରଥ ୮୬.୬%, ସୁନିତା ପଟ୍ଟନାୟକ ୮୪%, ଅଭିଳାଷ ଗୌଡ଼ ୭୯.୪% ଏବଂ ଅନ୍ୱେଷା ରଥ ୭୭.୨% ମାର୍କ ରଖିଛନ୍ତି। ସେହିଭଳି ଦଶମ ଶ୍ରେଣୀର ୭୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ସୋରେନ ପଣ୍ଡା ୯୮.୪%, ଶୁଭ୍ରଜିତ ପାଣିଗ୍ରାହୀ ୯୬.୮%, ସୁହାନି ଷଡ଼ଙ୍ଗୀ ୯୫.୪%, ଟମିଟ ନାୟକ ୯୩.୮% ଏବଂ ବାଳକୃଷ୍ଣ ତ୍ରିପାଠୀ ୯୩.୬% ମାର୍କ ରଖିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରଚେଷ୍ଟା ପଣ୍ଡା ଓ ଅଂଶୁମାନ ରଥ ଉଭୟ ୯୨.୨% ମାର୍କ ରଖିଛନ୍ତି। ସେହିପରି ଦଶମ ଶ୍ରେଣୀ ପାସ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୬ଜଣ ସଂସ୍କୃତ ବିଷୟ ବିକଳ୍ପ ଭାବେ ରଖିଥିବାବେଳେ ୧୧ଜଣ ଛାତ୍ରୀଛାତ୍ର ୧୦୦ରୁ ୧୦୦ ମାର୍କ ରଖିଛନ୍ତି । ଯାହା ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଆଗାମୀ ଦିନରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ରାଜାରାମ କହିଛନ୍ତି। ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏହି ବିଦ୍ୟାଳୟ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି ତଥା ଆଗାମୀ ଦିନରେ ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ବରିଷ୍ଠ ଶିକ୍ଷକ ରମେଶ କୁମାର ସାହୁ ମତ ଦେଇଛନ୍ତି। ସେହିଭଳି ସେଞ୍ଚୁରିଅନ ପବ୍ଲିକ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି | ଦଶମ ଶ୍ରେଣୀର ଶ୍ରୀକାନ୍ତ ଦାସ ସର୍ବାଧିକ ୯୪.୬% ମାର୍କ ରଖିଥିବା ବେଳେ ସମୀର କୁମାର ପ୍ରଧାନୀ ୮୫.୮% ମାର୍କ ରଖିଛନ୍ତି। ଦ୍ୱାଦଶ ଶ୍ରେଣୀରେ ଅନସୂୟା ବେହେରା ୮୯.୪% ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାରୁ ନିର୍ଦ୍ଦେଶକ ଓ. ରାଜେଶ କୁମାର ପାଢି ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି ।

# ସୁନା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ

**ଟିକିଟି,୧୪।୫(ପ୍ରକାଶ ଚନ୍ଦ୍ର ସାହୁ)**

ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ବିଏସଏଲଏନପୁର ଗ୍ରାମରେ ସୋମବାର ରାତିରେ ନାରାୟଣ ପ୍ରଧାନଙ୍କ ଘରୁ ଚୋରି ହୋଇଥିବା ମଙ୍ଗଳବାର କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ନାରାୟଣ ପ୍ରଧାନଙ୍କ ଲିଖିତ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ସୋମବାର ରାତି ୧୦ ଟା ବେଳେ ଘରେ ବିଦ୍ୟୁତ କାଟ ହୋଇଥିଲ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ବାଡ଼ିପଟୁ ତାଲା ପଡ଼ିଥିବା ଗ୍ରୀଲକୁ ତାଡ଼ି କବାଟ ଭାଙ୍ଗି ଘରେ ପଶି ଆଲମାରୀ, ପେଡ଼ି ଏବଂ ଡ୍ରେସିଂ ଟେବୁଲ ଭାଙ୍ଗି ୪୦ ଭରି ସୁନା ଅଳଙ୍କାର, ୯୦ ଭରି ରୁପା ଅଳଙ୍କାର ସମେତ ୫୦ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଛି। ଘରେ କିଛି ଶବ୍ଦ ଶୁଣିବାରୁ ଆମେ ଉଠିଲା ବେଳକୁ ଚୋର ସବୁ ଲୁଟି ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ କେ ନୂଆଗାଁ ପୋଲିସ ତଦନ୍ତ କରୁଛି।

# ଆଦିତ୍ୟ ବିର୍ଲା ସ୍କୁଲ ବିଦ୍ୟାର୍ଥୀଙ୍କ ବାଜିମାତ୍

**ଟିକିରି, ୧୪।୫ (ପ୍ରଫୁଲ୍ଲ କୁମାର ବେହେରା)**

ସିବିଏସ୍‌ଇ ଦଶମ ପରୀକ୍ଷାରେ ରାୟଗଡା ଜିଲା କାଶୀପୁର ବ୍ଲକ ଓଷାପଡାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ମୋଟ ୩୯ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୭ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଓ ୨ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ରିଙ୍କୁ ବାନାର୍ଜୀ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଶ୍ରୀମାନ ଅମ୍ଳାନ ଅଭିନବ ଜେନା ୯୭.୮% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୫ଜଣ ବିଦ୍ୟାର୍ଥୀ ସୁଶ୍ରୀ ଆଦ୍ୟାଶକ୍ତି ମହାପାତ୍ର, ଶ୍ରୀମାନ ରାକେଶ କୁମାର ବଳ, ସୁଶ୍ରୀ ପୂଜା ପାଣ୍ଡେ, ସୁଶ୍ରୀ ଅନମୋଲ ସାଇ ୯୫%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ମଧ୍ୟ ଦ୍ୱାଦଶ ଶ୍ରେଣୀରେ ମୋଟ ୧୩ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବାବେଳେ ସୁଶ୍ରୀ ଖୁସିରାଣୀ ସରକାର ୮୪.୪% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଉତ୍କଳ ଆଲୁମିନାର ୟୁନିଟ ହେଡ ମଜହର୍ ଉଲ୍ଲା ବେଗ, ବିଦ୍ୟାଳୟ ପରିଚାଳନା କମିଟିର ସଂରକ୍ଷକ ହିନା ବେଗ ଓ ବିଦ୍ୟାଳୟ ପରିଚାଳନା କମିଟିର ପ୍ରବନ୍ଧକ ବିଜୟ କୁମୁରା ଏହି ସଫଳତା ପାଇଁ ଅଧ୍ୟକ୍ଷା ରିଙ୍କୁ ବାନାର୍ଜୀ, ସମସ୍ତ ଛାତ୍ରୀଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଦ୍ୱାଦଶରେ ହର୍ଷିତା, ଦଶମରେ ସ୍ୱାଭିମାନ ସ୍କୁଲରେ ପ୍ରଥମ

**ନବରଙ୍ଗପୁର,୧୪।୫ (ସଦାଶିବ ପ୍ରହରାଜ)**

**ସିବିଏସ୍‌ଇ ପରୀକ୍ଷାଫଳ**




ସିବିଏସ୍‌ଇ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ନବରଙ୍ଗପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହିଇଛି। ଦ୍ୱାଦଶରେ ୨୩ ଜଣ ଛାତ୍ରୀଛାତ୍ର ମଧ୍ୟରୁ ୨୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ଛାତ୍ର ଦୁର୍ଘଟଣା କାରଣରୁ ସମ୍ପୂର୍ଣ୍ଣ ପରୀକ୍ଷା ଦେଇ ନ ପାରି ଫେଲ୍ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ହର୍ଷିତା ପଟ୍ଟନାୟକ ୮୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ସେହିଭଳି ୧୦ମ ଶ୍ରେଣୀରେ ୭୩ ଛତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ଛାତ୍ର କମ୍ପାର୍ଟମେଣ୍ଟ ପାଇଛନ୍ତି। ସ୍ୱାଭିମାନ ମିଶ୍ର ୯୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି।

# ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ମତଦାନ

**ନବରଙ୍ଗପୁର,୧୪।୫ (ସଦାଶିବ ପ୍ରହରାଜ)**

**ନବରଙ୍ଗପୁର ଲୋକ ସଭା କ୍ଷେତ୍ରରେ ୮୦.୨୨% ମତଦାନ**

ନବରଙ୍ଗପୁର ଲୋକ ସଭା କ୍ଷେତ୍ର ଅଧୀନରେ ୧୫ ଲକ୍ଷ ୧୪ହଜାର ୧୪୦ ଭୋଟର ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୮୦. ୨୨ ପ୍ରତିଶତ ମତଦାନ ହୋଇଛି।

ଏହି ଲୋକ ସଭା କ୍ଷେତ୍ର ଅଧୀନ ନବରଙ୍ଗପୁର ଜିଲାର ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ସଂଖ୍ୟା ୨୧୭୧୦୭। ସେମାନଙ୍କ ମଧ୍ୟରୁ ୮୪.୨୨% ଭୋଟର ମତ ସାବ୍ୟସ୍ତ କରିଛନ୍ତି। ଉମରକୋଟ ନିର୍ବାଚନମଣ୍ଡଳୀରେ ୧୯୬୫୭୩ ଭୋଟରଙ୍କ ମଧ୍ୟରୁ ୮୩.୦୫% ଭୋଟର ମତଦାନ କରିଛନ୍ତି। ଡାବୁଗାଁ ନିର୍ବାଚନମଣ୍ଡଳୀରେ ୨୦୪୯୦୯ ଭୋଟରଙ୍କ ମଧ୍ୟରୁ ୮୫.୨% ମତଦାନ ହୋଇଛି। ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ୨୩୪୦୮୧ ଭୋଟର ଅଛନ୍ତି। ସେଠାରେ ୮୫.୬୧ ପ୍ରତିଶତ ମତଦାନ ହୋଇଛି। କୋଟପାଡ ନିର୍ବାଚନମଣ୍ଡଳୀରେ ୨୦୮୯୨୬ ଭୋଟର ରହିଛନ୍ତି। ସେଠାରେ ୮୩.୯୨% ଭୋଟଗ୍ରହଣ କରାଯାଇଛି। ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୨୦୫୫୪୬ ଭୋଟର ଥିବାବେଳେ ୭୪.୮୧% ମତଦାନ କରିଛନ୍ତି। ମାଲକାନଗିରି ନିର୍ବାଚନମଣ୍ଡଳୀରେ ୨୪୬୯୯୮ ଭୋଟର ଥିବାବେଳେ ୬୬.୬% ମତଦାନ ହୋଇଥିବା ଜିଲା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ୪ ବୁଥ୍‌ରେ ରାତି ୧୦ ଯାଏ ଚାଲିଲା ଭୋଟଗ୍ରହଣ

### ଡାବୁଗାଁ ବ୍ଲକରେ ୮୫.୪୦% ପୋଲିଂ

**ଡାବୁଗାଁ, ୧୪।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ସାଧାରଣ ନିର୍ବାଚନରେ ଭୋଟଦାନ ସୋମବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଡାବୁଗାଁ ବ୍ଲକ ଅଧୀନ ମୋଟ ୫୫ ବୁଥ୍‌ରେ ମତଦାନ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୬ଟା ସୁଦ୍ଧା ୫୧ ବୁଥ୍‌ରେ ମତଦାନ ଶେଷ ହୋଇଥିଲା। କିନ୍ତୁ ପାରିଆବେଡ଼ା, ମୁଣ୍ଡିଗୁଡ଼ା, ନନ୍ଦପୁରା ଓ ମେଣ୍ଡ୍ରା ବୁଥ୍‌ରେ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଡାବୁଗାଁ ବ୍ଲକରେ କୌଣସି ବୁଥ୍‌ରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଡାବୁଗାଁ ବ୍ଲକରେ ମୋଟ ଭୋଟର ୪୬,୩୪୪ ରହିଛନ୍ତି। ସେଥିରୁ ୨୦୦୩୦ ଜଣ ମହିଳା ଓ ୧୯୫୪୭ ଜଣ ପୁରୁଷ ଭୋଟର ମତଦାନ କରିଛନ୍ତି। ଚଳିତ ନିର୍ବାଚନରେ ପୁରୁଷମାନଙ୍କଠାରୁ ଅଧିକ ମହିଳା ଭୋଟର ମତଦାନ କରିଛନ୍ତି। ଡାବୁଗାଁ ବ୍ଲକରେ ୮୫.୪୦% ମତଦାନ ହୋଇଛି।

# ମୋବାଇଲ, ଗାଡ଼ି ନେବାକୁ ନାବାଳକଙ୍କୁ ଆକ୍ରମଣ

**ପାପଡ଼ାହାଣ୍ଡି,୧୪।୫(ସ୍ୱପ୍ନଜିତ ପଟ୍ଟନାୟକ)**

- ଜଙ୍ଗଲରେ ଲୁଚିଥିବା ୩ ଦୁର୍ବୃତ୍ତଙ୍କୁ ଧରିଲେ ଗ୍ରାମବାସୀ
- ଗୁରୁତର ନାବାଳକଙ୍କୁ କୋରାପୁଟ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର


ଗୁରୁତର ଅବସ୍ଥାରେ ନାବାଳକଙ୍କ ଚିକିତ୍ସା ଚାଲିଛି।

୩ ଜଣ ଦୁର୍ବୃତ୍ତଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଜଣେ ନାବାଳକ। ନାବାଳକଙ୍କୁ ଆକ୍ରମଣ କରି ତାଙ୍କଠାରୁ ଜିନିଷ ଛଡାଇ ନେବା ସମୟରେ ଗ୍ରାମବାସୀଙ୍କ ନଜରରେ ଆସିବାରୁ ଜଙ୍ଗଲରେ ଲୁଚିଲେ। ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମାରେ ଦେଇଥିଲେ। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶୀ ପଞ୍ଚାୟତ ସଦର ମହକୁମାରେ ମଙ୍ଗଳବାର ଏପରି ଘଟଣା ଘଟିଛି। ଆହତ ନାବାଳକ ହେଲେ ଶିରିଶି ଗ୍ରାମର କନ୍ଦର୍ପ ଅମନାତ୍ୟଙ୍କ ପୁଅ କିରଣ (୧୪)। ସେ ଏବେ କୋରାପୁଟରେ ଚିକିତ୍ସାଧୀନ ଅଛନ୍ତି।

ସୂଚନାନୁଯାୟୀ କିରଣ ବାପା କନ୍ଦର୍ପଙ୍କ ସହ ଏକ ବାଇକ୍‌ରେ ଗାଁ ନିକଟ ପୋଖରୀକୁ ଯାଇଥିଲେ। ପୋଖରୀ ହୁଡ଼ାରେ ବାଇକ୍ ରଖି କନ୍ଦର୍ପ ଶୌଚ ହେବାକୁ ଦୂରକୁ ଯାଇଥିବାବେଳେ କିରଣ ପୋଖରୀରେ ଗାଧୋଉଥିଲେ। ଗାଧୋଇକି ବାହାରିବା ସମୟରେ ୩ ଜଣ ଦୁର୍ବୃତ୍ତ କିରଣଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ କିରଣ ଅଚେତ ହୋଇପଡ଼ିଥିଲେ। ଦୁର୍ବୃତ୍ତମାନେ କିରଣଙ୍କ ନିକଟରେ ଥିବା ମୋବାଇଲକୁ ଛଡାଇ ନେବାସହ ବାଇକ ନେବାକୁ ଚେଷ୍ଟା କରିବା ସମୟରେ ଗାଁ ର କେତେଜଣ ଯୁବକ ସେମାନଙ୍କୁ ଦେଖି ପାଟି କରିଥିଲେ। ଲୋକମାନଙ୍କ ପାଟି ଶୁଣି ଦୁର୍ବୃତ୍ତମାନେ ଦୌଡ଼ି ଦୌଡ଼ି ଗାଁ ନିକଟସ୍ଥ ପାଳପୁର ଜଙ୍ଗଲ ଭିତରେ ପଶି ଯାଇଥିଲେ। ଏହାପରେ ଗାଁ ଲୋକ ପୋଖରୀ ନିକଟରେ ରୁଣ୍ଡ ହୋଇ କିରଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କିରଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀ ସମସ୍ତେ ଏକାଠି ହୋଇ ପାଳପୁର ଜଙ୍ଗଲକୁ ଘେରି ପାପଡ଼ାହାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜ କରିଥିଲେ। ୩ ଦୁର୍ବୃତ୍ତଙ୍କୁ ଗ୍ରାମବାସୀ ଜଙ୍ଗଲରୁ କାବୁ କରି ଗାଁକୁ ଆଣିଥିଲେ। ପୋଲିସ ସେଠାରୁ ୩ଜଣଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଥାନାରେ ଅଟକ ରଖିଛି। ଅଟକଥିବା ବ୍ୟକ୍ତିମାନେ ହେଲେ ନବରଙ୍ଗପୁର ଜିଲା ବିକ୍ରମପୁର ଗ୍ରାମର ରାମ ହରିଜନ , ନବରଙ୍ଗପୁର ସହରର ବାଦଲ ହରିଜନ, ମାଲକାନଗିରି ଅଞ୍ଚଳର ଗୋବରିୟଲ ମାଝି। ପାପଡ଼ାହାଣ୍ଡି ପୋଲିସ କେସ୍ ନଂ. ୧୧୨/୨୪ ରୁଜୁରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।

